ଓଡିଶା ସରକାର

ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

ତାରିଖ 26.2.2021 / ଅନୁଗୁଳ

SBTJ No. 206

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ *ଶାଳଗାଁ ବୁଢାପଙ୍କ ତାଳଚେର ଠାରୁ ଜରପଡା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ* ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର *ଡେରଜାଙ୍ଗ ଜଙ୍ଗଲ* ମୌଜାରେ ନିମ୍ନ ସୂଚୀତ ତଫସିଲ ମତେ ପ୍ରାୟ ୨.୮୩୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013) ର ଧାରା ୧୧(୧) ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013) ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗୀତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଳପଥ ନିର୍ମାଣ ପ୍ରକଳ୍ପ

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ପୂର୍ବତଟ ରେଳପଥ

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଧାରା ୮(୨) ମୁତାବକ ପ୍ରକାଶିତ ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ ଅନୁଗୁଳ ।

୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଣିଅଁରପାଳ | ଡେରଜାଙ୍ଗ ଜଙ୍ଗଲ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨.୮୩୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.................... ସରଂକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ

ଜିଲ୍ଲାପାଳ, ଅନୁଗୁଳ

## ଭୂମି ଅନୁସୂଚୀ

ମୌଜା – ଡେରଜାଙ୍ଗ ଜଙ୍ଗଲ, (ଗ୍ରାମାଞ୍ଚଳ) ଥାନା : ଜରପଡା, ଥାନା ନଂ.: ୭୬, ତହସିଲ- ବଁଅରପାଳ, ଜିଲ୍ଲା- ଅନୁଗୋଳ

ଶାଳଗାଁ ବୁଢାପଙ୍କ ତାଳଚେର ଠାରୁ ଜରପଡା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ

| ଖାତା ନଂ. | ସତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୯୯ | ରୟତି | ୩୬ କାଙ୍କୁରାଧୋଇ | ତଲ୍ଲା-୧ | ୩.୯୨୦ | ୦.୬୦୦ | ଦେବରାଜ ସିଂହ ପି: ଭଗବାନ ସାମନ୍ତ ସିଂହ ଜା: କ୍ଷେତ୍ରୀୟ, ଓ କାଠି ବେହେରା ପି: ଆନନ୍ଦ ବେହେରା ଜା: ଚଷା ବା: ବେଣାଗାଡିଆ |
| ୧୮୨ | ରୟତି | ୩୩ ବାଙ୍କୁରାଧୋଇ | ତଲ୍ଲା-୧ | ୩.୯୨୦ | ୦.୭୬୦ | ମାଧବ ସାହୁ ପି: ଭୁବନ ସାହୁ, ବେଡା ସାହୁ ପି: ଗୌତମ ସାହୁ, ସାନ୍ତରା ବେହେରା ପି: ଅପର୍ତ୍ତି ବେହେରା ଜା: ଚଷା ବା: ମଟ୍ଟିକା |
| ୧୯୭ | ରୟତି | ୩୯ ବାଙ୍କୁରାଧୋଇ | ତଲ୍ଲା-୧ | ୫.୫୮୦ | ୦.୪୦୦ | ଶଙ୍କର ମହାପାତ୍ର ପି:ବିଦା ମହାପାତ୍ର ଜା: ମାଳି ବା: ମଟ୍ଟିକା |
| ୨୨୨/୨୦ | ରୟତି | ୨ ବାଙ୍କୁରାଧୋଇ | ତଲ୍ଲା-୧ | ୨.୦୮୦ | ୦.୦୩୦ | କନ୍ଧ ସ୍ୱାଇଁ ପି:ମହାଦେବ ସ୍ୱାଇଁ ଜା: ଚଷା ବା: ସା: ଓ ପୋ:- ଜରାସିଂହା |
| ୨୨୨/୩୪ | ରୟତି | ୩୪ ବାଙ୍କୁରାଧୋଇ | ପୁରାତନ ପତିତ | ୨.୮୨୦ | ୦.୮୯୦ | ହଟିଆ ବେହେରା, ନୁଟିଆ ବେହେରା, ରବି ବେହେରା, ଛବି ବେହେରା ପି: ବୈକୁଣ୍ଠ ବେହେରା ଜା: ଚଷା ବା: ବେଣାଗାଡିଆ |
| ୨୨୨/୪୯ | ରୟତି | ୩୫ ବାଙ୍କୁରାଧୋଇ | ତଲ୍ଲା-୧ | ୧.୮୯୦ | ୦.୧୪୦ | ଲକ୍ଷ୍ମୀନାରାୟଣ ସାହୁ ପି: ତୀର୍ଥବାସି ସାହୁ ଜା: ଚଷା ବା: ଜରାସିଂହା, ଅଜିତ କୁମାର ସାହୁ ପି: ଲମ୍ବୋଦର ସାହୁ ଜା: ଚଷା ବା: କୁମଣ୍ଡ |
| | | | ମୋଟ | ୨.୮୩୦ | | |

Sanjaya
[signature]/2021

ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ଶାଳଗାଁ ବୁଢାପଙ୍କ
ତାଳଚେର ଜରପଡା ତୃତୀୟ ଓ ଚତୁର୍ଥ ରେଳପଥଙ୍କ
କାର୍ଯ୍ୟାଳୟ, ଢେଙ୍କାନାଳ

Sd/- 20/12

ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ
ଜିଲ୍ଲାପାଳ, ଅନୁଗୋଳ